# ପଞ୍ଚାୟତ ସମିତି, ଘଟଗାଁ

## ୮ମ ସ୍ଵତନ୍ତ୍ର ଅଧିବେଶନ ବିବରଣୀ

ସ୍ଥାନ : ପଂଚାୟତ **ସମିତି ସମ୍ମିଳନୀ କକ୍ଷ**,ଘଟଗାଁ                                    ତା : ୦୧/୦୬/୨୦୨୫

ଅଦ୍ୟ ତା ୦୧/୦୬/**୨୦୨୫ ରିଖ ରବି**ବାର ସକାଳ ୯ ଘଟିକା ସମୟରେ ପଂଚାୟତ ସମିତି, ଘଟଗାଁର ମାନନୀୟା ଅଧକ୍ଷା ଶ୍ରୀମତୀ ଗୀତାଞ୍ଜଳି ନାୟକଙ୍କ ଅଧକ୍ଷତା**ରେ ପଞ୍ଚାୟତ ସ**ମିତିର ଅଷ୍ଟମ ସ୍ଵତନ୍ତ୍ର ଅଧିବେଶନ ଆରମ୍ଭ କରାଯାଇଥିଲା । ଉକ୍ତ ଅଧିବେଶନରେ ମାନ୍ୟବର ସାଂସଦଙ୍କ ପ୍ରତିନିଧି ଶ୍ରୀଯୁକ୍ତ **ଅଖିଳ ପାତ୍ର / ମାନ୍ୟ**ବର ବିଧାୟକ ଶ୍ରୀଯୁକ୍ତ ବଦ୍ରି ନାରାୟଣ ପାତ୍ରଙ୍କ ସମେତ ପଞ୍ଚାୟତ ସମିତି ଅନ୍ତର୍ଗତ ୯ ଓ ୭ ନମ୍ବର ଜୋନ୍ ଜିଲ୍ଲା ପରିଷଦ **ସଦସ୍ୟ/ସଦସ୍ୟା, ସ**ରପଂଚ, ସମିତି ସଭ୍ୟ/ସଭ୍ୟା ଓ ସରକାରୀ ପଦାଧିକାରୀଗଣ ସକ୍ରିୟ ଅଂଶଗ୍ରହଣ କରି ବିଭିନ୍ନ ଗୁରୁତ୍ଵପୂର୍ଣ୍ଣ ଆଲୋଚନାବେ **ଭାଗ ନେଇ ମତ ପ୍ରଦାନ** କରିଥିଲେ, ପ୍ରଥମେ ଗ୍ରାମ ପଞ୍ଚାୟତ ଉନ୍ନୟନ ଅଧିକାରୀ ଶ୍ରୀ ଜିତେନ୍ଦ୍ର ନାଥ ସେଠୀ ପୂର୍ବ ଅଧିବେଶନର ବିବରଣୀ **ପାଠ କରିବା ପରେ ଗୋଷ୍ଠୀ** ଉନ୍ନୟନ ଅଧିକାରୀ ଶ୍ରୀଯୁକ୍ତ ଖଗେଶ୍ଵର ବରାଳ,ମାନ୍ୟବର ମାନ୍ୟବର ବିଧାୟକ ମହୋଦୟ ଓ ବ୍ଲକ୍ ଅଧକ୍ଷାଙ୍କ **ସମେତ ଅନ୍ୟାନ୍ୟ ଉପସ୍ଥିତ ସଭ୍ୟା/ସଭ୍ୟ**ମାନେ ସ୍ଵାଗତ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ । ଏହି ଅଧିବେଶନରେ ନିମ୍ନ ଲିଖିତ ବିଷୟ ଗୁଡିକ ଉପରେ ପୁଙ୍ଖାନୁପୁଙ୍ଖ **ଆଲୋଚନା/ ପର୍ଯ୍ୟାଲୋଚନା** କରା ଯାଇ ସର୍ବ ସମ୍ମତି କ୍ରମେ ପ୍ରସ୍ତାବ ଗ୍ରହଣ କରାଯାଇଥିଲା ।

### ସଭାପତିଙ୍କ ଅନୁମୋଦନ କ୍ରମେ ନିମ୍ନଲିଖିତ ଯୋଜନା ସମ୍ବନ୍ଧରେ ଆଲୋଚନା କରାଯାଇଥିଲା-:

**ବିକଶିତ ଗାଁ ବିକଶିତ ଓଡିଶା-:** ବିକଶିତ ଗାଁ ବିକଶିତ ଓଡିଶା ଯୋଜନା ଆଧାରରେ ପ୍ରକଳ୍ପ ଗୁଡିକର ଅନୁମୋଦନ ହୋଇଥିବା ୨୦୨୪-୨୫ ଏବଂ ୨୦୨୫-୨୬ ଆର୍ଥିକ ବର୍ଷରେ ପ୍ରକଳ୍ପ ଗୁଡିକରୁ ଉପଲବ୍ଧ ଅନୁଦାନ ଭିତ୍ତିରେ ଯେଉଁ ଗୁଡିକ କାର୍ଯ୍ୟକାରୀ ହେବ ସେଗୁଡିକର ତାଲିକା ପଡିଶୁଣାଇ ଦିଆଗଲ ଏବଂ ସବସମ୍ମତି କ୍ରମେ ଅନୁମୋଦନ କରାଗଲା ଓ ଏହା ଯଥାକ୍ରମେ **ପରିଶିଷ୍ଟ-କ** ଏବଂ **ପରିଶିଷ୍ଟ-ଖ** ରେ ଦର୍ଶାଗଲା ।

**ଅର୍ଥ ଆୟୋଗ ଅନୁଦାନ ଓ ବ୍ଲକ ଉନ୍ନୟନ ଯୋଜନା-:** ଅର୍ଥ ଆୟୋଗ ଅନୁଦାନ ଓ ବ୍ଲକ ଉନ୍ନୟନ ଯୋଜନା (**BPDP**) ସମ୍ପର୍କିତ ଆଲୋଚନାରେ ପଞ୍ଚାୟତ ସମିତି ସଦସ୍ୟ/ସଦସ୍ୟା ମାନେ ଅଂଶଗ୍ରହଣ ପୂର୍ବକ ବିଭିନ୍ନ ପ୍ରକଳ୍ପ ନିମନ୍ତେ ମତ ରଖିଥିଲେ ଓ ଆବଶ୍ୟକତା ଭିତ୍ତିରେ ପ୍ରକଳ୍ପଗୁଡିକ ସର୍ବସମ୍ମତି କ୍ରମେ ଗୃହୀତ ହୋଇ ବ୍ଲକ ଉନ୍ନୟନ ଯୋଜନା (ବିପିଡ଼ିପି) ଇ-ଗ୍ରାମ ସ୍ଵରାଜ ପୋର୍ଟାଲରେ ଅପଲୋଡ କରାଯିବା ପାଇଁ ସ୍ଥିର କରାଗଲା । ଏହି ଯୋଜନା ଅନ୍ତର୍ଗତ ପ୍ରକଳ୍ପ ଗୁଡିକୁ ଯୁଦ୍ଧକାଳୀନ ଭିତ୍ତିରେ ସମ୍ପାଦନ କରିବା ସକାଶେ ପ୍ରତ୍ୟେକ ସଦସ୍ୟଙ୍କର ସହଯୋଗ କାମନା କରା଼ାଇଥିଲା ଏବଂ **ଅର୍ଥ ଆୟୋଗ ଅନୁଦାନ** ଓ ବ୍ଲକ ଉନ୍ନୟନ ଯୋଜନା(**BPDP**)ର ପ୍ରକଳ୍ପ ତାଲିକା **ପରିଶିଷ୍ଟ-ଗ** ରେ ସଂଲଗ୍ନ କରାଗଲା ।

**ପାନୀୟ ଜଳ ଓ ପରିମଳ-: ୨୦୨୫-୨୬** ଆର୍ଥିକ ବର୍ଷ ନିମନ୍ତେ ୬୫ ଗୋଟି ପ୍ରସ୍ତାବ ଯାଇଛି । ସୁନାଟାଙ୍ଗିରି ସମିତି ସଭ୍ୟ ଅଭିଯୋଗ କରିଥିଲେ ଯେ, ନଳକୂଅ **ଗୁଡିକ ୨୪୦ ଫୁଟ ଖୋଳାଯାଇ** ପାଣି ବାହାରିଲା ପରେ ବନ୍ଦ କରିଦିଆଯାଉଛି । ମାନ୍ୟବର ବିଧାୟକ ଏଥିରେ ହସ୍ତକ୍ଷେପ କରି ପରାମର୍ଶ ଦେଲେ **କି, କେଉଁ ନଳକୂପ କେତେ ଗଭୀର** ଖୋଳାଯାଇଛି ତାର ବିବରଣୀ ଜନ ପ୍ରତିନିଧି ମାନଙ୍କୁ ଜଣାଇଲେ ଅସନ୍ତୋଷ ରହନ୍ତା ନାହିଁ । ମେଗା ପ୍ରକଳ୍ପ **ମାସ ମାସ ଧାରୀ ପଡିରହିବା ଦ୍ବାରା** ନାହିଁ ନଥିବା ଅସୁବିଧା ହେଉଛି । **ବ୍ଲକ ଅଧକ୍ଷା** ପ୍ରକାଶ କରିଥିଲେ ଯେ,ଗୋବରାବେଡା ହୁଡିସାହି ନଳକୂଅ ଯୋଗା**ଯୋଗ ନକରି ନଳକୂଅ** ଗାଡି ଅନ୍ୟତ୍ର ଖୋଳି ୯ ଉଅଛି । ନଳକୂଅଗାଡି ନଳକୂଅ ଖୋଳିବା ପୂର୍ବରୁ ଯୋଗାଯୋଗ କରି ଖୋଲିଲେ ଅସୁବିଧା **ହୋଇନଥାନ୍ତା ।** ବୃନ୍ଦାବନପୁରକୁ ନଳକୂଅଗାଡି କେବେ ଯିବ ବୋଲି ଜଳ ଓ ପରିମଳ ଯନ୍ତ୍ରୀଙ୍କୁ ଗୃହରେ ପଚାରିଥିଲେ ।

**ବିଜ୍ଞାନ ଓ ପ୍ରଯୁକ୍ତି ବିଭାଗ -: ସମିତି ସଭ୍ୟା/ସଭ୍ୟ** ମାନେ ବୈଠକରେ ପ୍ରକାଶ କରଥିଲେ କି, ପ୍ଲାନେଟୋରୀୟମ କାହିଁକି କାର୍ଯ୍ୟକ୍ଷମ ହେଉନାହିଁ । ଏବାବଦରେ **ବ୍ଲକ ଶିକ୍ଷା ଅଧିକାରୀ ବୈଠକରେ ଜଣାଇ** ଥିଲେ ଯେ, ଡି.ଇ.ଓ ଏବଂ ଜିଲ୍ଲା କମିଟି ଦ୍ଵାରା ତାହା ପରିଚାଳିତ ହୋଇଥାଏ । ମାତ୍ର ବ୍ଲକ୍ ଶିକ୍ଷା ଅଧିକାରୀ ବୈଠକରେ ପ୍ରକାଶ କରିଥିଲେ ଯେ, ୩୦ ଜଣ ପିଲା ନହେଲେ ଭିତରକୁ ଯିବାକୁ ଦେଉନାହାନ୍ତି । ୩୦ ଜଣ ପିଲା ନହେଲେ

PDF Scanner ACE Scanner

ନହେଲେ ମଧ୍ୟ ବିଜ୍ଞାନକେନ୍ଦ୍ର ଏବଂ ପ୍ଲାନେଟୋରୀୟମର ଗ୍ୟାଲେରୀ ଓ ପାର୍କକୁ ପିଲାମାନଙ୍କୁ ଛାଡ଼ା ଯିବା ପାଇଁ ଆଜିକାର ବୈଠକରେ ସର୍ବ ସମ୍ମତି କ୍ରମେ ଅନୁମୋଦନ କରାଗଲା ।

**ଶିକ୍ଷା ବିଭାଗ-:** ୯ ନମ୍ବର ଜିଲ୍ଲା ପରିଷଦ ସଦସ୍ୟ ଶ୍ରୀଯୁକ୍ତ ସୁରେନ୍ଦ୍ର ଜେନା ମହୋଦୟ,ସିଙ୍ଗଲ ଶିକ୍ଷକ ଥିବା ସ୍କୁଲର ନାମ ତାଲିକା ପଠାଯାଇଛି କି ନାହିଁ ବୋଲି ନୂତନ ଭାବେ ଦାୟୀତ୍ୱରେ ଥିବା ବ୍ଲକ ଶିକ୍ଷା ଅଧିକାରୀଙ୍କୁ ପଚାରିଥିଲେ । ସାନମସିଣାବିଲା ସ୍କୁଲ ବନ୍ଦ ହୋଇଥିବା କାରଣ ବାବଦରେ ମଧ୍ୟ ବ୍ଲକ ଶିକ୍ଷା ଅଧିକାରୀଙ୍କୁ ଅବଗତ କରାଇଥିଲେ । ଅପଗ୍ରେଡ଼େସନ ନିମନ୍ତେ ପଠା ଯାଇଥିଲା ମାତ୍ର ତାହା ଅନୁମୋଦନ ହୋଇନଥିବା କଥା ବୈଠକରେ ଜଣାଇଥିଲେ ।

**ଆଦିବାସୀ ଓ ହରିଜନ କଲ୍ୟାଣ ବିଭାଗ-:** ୯ ନମ୍ବର ଜିଲ୍ଲା ପରିଷଦ ସଦସ୍ୟ ଶ୍ରୀଯୁକ୍ତ ସୁରେନ୍ଦ୍ର ଜେନା ମହୋଦୟ ପ୍ରକାଶ କରିଥିଲେ କି,ଦେହୁରୀପଶି ଆଶ୍ରମ ସ୍କୁଲ ହଷ୍ଟେଲରେ ଅନ୍ୱେଷା ମାଧ୍ୟମରେ ପାଠ ପଢୁଥିବା ଛାତ୍ର,ଛାତ୍ରୀମାନେ ରହୁଛନ୍ତି ଯାହାର ବର୍ତ୍ତମାନ ସଂଖ୍ୟା ୧୧୪ ଅଟେ । ଅନ୍ୱେଷା ଛାତ୍ର,ଛାତ୍ରୀଙ୍କ ନିମନ୍ତେ ହଷ୍ଟେଲ ନିର୍ମାଣ ହେଲେ ସେମାନେ ଭଲ ଭାବରେ ରହିବା ସହ ଖାଇବା, ପାଠ ପଢିବା ଶୋଇବା ହୋଇପାରନ୍ତା । ଅନ୍ୱେଷା ହଷ୍ଟେଲ ନିର୍ମାଣ ନିମନ୍ତେ ତୁରନ୍ତ ଜାଗା ଚିହ୍ନଟ ସହ ଅର୍ଥ ମଞ୍ଜୁର ହେଲେ ଛାତ୍ରାବାସ ତିଆରି ହୋଇପାରନ୍ତା । ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଏ ବିଷୟରେ ଦୃଷ୍ଟି ଆକର୍ଷଣ ପୂର୍ବକ ପ୍ରସ୍ତାବ ପାଇଁ ପ୍ରକାଶ କରିଥିଲେ ।

**ଗ୍ରାମ୍ୟ ଉନ୍ନୟନ ବିଭାଗ-:** ମାନ୍ୟବର ବିଧାୟକ ମହୋଦୟ ଜାତୀୟ ରାଜପଥ ୨୨୦ (ବଡ ଧନୁର୍ଜୟପୁର ) ଠାରୁ ନୂଆପଡା ଭାୟା ମାଛଭଣ୍ଡାର ରାସ୍ତା ଯାହାର ଦୈର୍ଘ୍ୟ ୪ କି:ମି: ଥିବାରୁ ଗ୍ରାମ୍ୟ ଉନ୍ନୟନ ବିଭାଗକୁ ହସ୍ତାନ୍ତର କରିବା ପାଇଁ ପ୍ରସ୍ତାବ ଦେଇଥିଲେ । ଗଦାଧରପୁର ସମିତି ସଭ୍ୟ କହିଥିଲେ କି,ବାଣେଶ୍ୱର ଠାରୁ ବାଟହରିଚନ୍ଦନପୁର ରାସ୍ତାକୁ ଗ୍ରାମ୍ୟ ଉନ୍ନୟନ ବିଭାଗକୁ ହସ୍ତାନ୍ତର କରିବା ପାଇଁ ପ୍ରସ୍ତାବ ଦେଇଥିଲେ । ମାତ୍ର ମାନ୍ୟବର ବିଧାୟକ ମହୋଦୟ ବାଟହରିଚନ୍ଦନପୁର ଠାରୁ ତରା ଆରଡି ରାସ୍ତା ଭାୟା ବାଣେଶ୍ୱର ୪ କି:ମି: ରାସ୍ତାକୁ ଗ୍ରାମ୍ୟ ଉନ୍ନୟନ ବିଭାଗ ଓ ଜିଲ୍ଲାପାଳ, କେନ୍ଦୁଝରଙ୍କୁ ଓମ୍ବାଡିସି ଯୋଜନା ମାଧ୍ୟମରେ ନିର୍ମାଣ କରିବା ପାଇଁ ତା ୯.୧୨.୨୦୨୪ ରିଖ ପ୍ରକାରେ ପ୍ରସ୍ତାବ ପଠାଇ ସାରିଛନ୍ତି ବୋଲି ପ୍ରକାଶ କରିଥିଲେ । ଏହାସହ ଗଦାଧରପୁର ସମିତି ସଭ୍ୟ ବେଢାପାଳ ରାସ୍ତାର ଦୂରାବସ୍ଥା ବାବଦରେ ଦୃଷ୍ଟି ଆକର୍ଷଣ କରିଥିଲେ, ଜିଲ୍ଲାପରିଷଦ ସଭ୍ୟ ଶ୍ରୀଯୁକ୍ତ ସୁରେନ୍ଦ୍ର ଜେନା ମହୋଦୟ କହିଥିଲେ କି, ଯେହେତୁ ହେ ରାସ୍ତାଟି ଜଙ୍ଗଲ ବିଭାଗ ଅଧୀନରେ ଯାଉଛି ଗ୍ରାମସଭା କରାଯାଇ ବନଖଣ୍ଡ ଅଧିକାରୀ, କେନ୍ଦୁଝରଙ୍କ ନିକଟକୁ ବନାଞ୍ଚଳ ଅଧିକାରୀ, ଘଟଗାଁଙ୍କ ଜରିଆରେ ପଠାଯାଇ ଅନୁମୋଦନ କରାଗଲେ ସ୍ଥାୟୀ ରାସ୍ତା ନିର୍ମାଣ ନିମନ୍ତେ ପଥ ପରିଷ୍କାର ହୋଇପାରିବ । ଏ ବିଷୟ ପୂର୍ବରୁ ଗ୍ରାମବାସୀଙ୍କୁ ଅବଗତ କରାଯାଇଥିବାର ପ୍ରକାଶ କରିଥିଲେ । ତରା ଗ୍ରାମ ପଞ୍ଚାୟତ ମାଧ୍ୟମରେ ଏ ବାବଦକୁ ତ୍ୱରାନ୍ୱିତ କରିବା ପାଇଁ ଜିଲ୍ଲାପରିଷଦ ସଦସ୍ୟ ପ୍ରସ୍ତାବ ଦେଇଥିଲେ ।

**ଅନ୍ୟାନ୍ୟ-:** ମାନ୍ୟବର ସାଂସଦଙ୍କ ପ୍ରତିନିଧି ଶ୍ରୀଯୁକ୍ତ ଅଖିଳ ପାତ୍ର ମହୋଦୟ ବୈଠକରେ ଜଣାଇଥିଲେ କି, ଗ୍ରାମ ପଞ୍ଚାୟତ ମାନଙ୍କର ଗୁରୁ ଦାୟୀତ୍ୱ ରହିଛି । ଗ୍ରାମୀଣ ଆବସ, ବାର୍ଦ୍ଧକ୍ୟ ଭତ୍ତା, ବିଧବା ଭତ୍ତା, ଦିବ୍ୟାଙ୍ଗ ଭତ୍ତା ତଥା ଅନ୍ୟ ସରକାରୀ ଯୋଜନାରେ ଅଧିକାରୀ ମାନେ ଦୁର୍ନୀତି ମୁକ୍ତ ହୋଇ ରହିବା ପାଇଁ ସେ ପରାମର୍ଶ ଦେଇଥିଲେ । ସୁନାଢାଙ୍ଗିରୀ ସରପଞ୍ଚ ଶ୍ରୀ ଦେବେନ୍ଦ୍ର ନାଥ ନାଏକ ମାନ୍ୟବର ସାଂସଦଙ୍କ ଉଦ୍ଦେଶ୍ୟରେ ପ୍ରକାଶ କରିଥିଲେ କି, ନରଣପୁର ଠାରୁ ପଣ୍ଡାପଡ଼ା ରାସ୍ତା ବର୍ତ୍ତମାନ ବ୍ୟସ୍ତ ବହୁଳ ରାସ୍ତାରେ ପରିଣତ ହୋଇଅଛି,ଏଣୁ ବାହାଘର, ବ୍ରତଘର ଅନ୍ୟାନ୍ୟ ପାରମ୍ପରିକ ରୀତି,ନୀତି ନିମନ୍ତେ ପଣ୍ଡାପଡ଼ା ଓ ସୁନାଢାଙ୍ଗିରୀ ମଧ୍ୟରେ ଏକ ଜାଗା ଚିହ୍ନଟ କରିବା ସହ କଲ୍ୟାଣ ମଣ୍ଡପ ନିର୍ମାଣ ନିମନ୍ତେ ପ୍ରସ୍ତାବ ଦେଇଥିଲେ ।

ଶେଷରେ ପଞ୍ଚାୟତ ସମିତି ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଧନ୍ୟବାଦ ଅର୍ପଣ କରିବା ପରେ ଅଧିବେଶନ ସମାପ୍ତ କରାଗଲା ।

GNaik
Chairman
Ghatgaon Block
ପଞ୍ଚାୟତ ସମିତି, ଘଟଗାଁ

ଗୋଷ୍ଠୀ ଉନ୍ନୟନ ଅଧିକାରୀ
Block Development Officer
ପଞ୍ଚାୟତ ସମିତି,ଘଟଗାଁ
Ghatgaon

PDF Scanner ACE Scanner

ସ୍ମାରକ ସଂଖ୍ୟା-: ୭୨୬୯ ତା-: ୦୧/୦୬/୨୦୨୪

ଏହାର ଏକ କିତା ନକଲ ଘଟଗାଁ ପଂଚାୟତ ସମିତିର ସମସ୍ତ ଜିଲ୍ଲା ପରିଷଦ ସଭ୍ୟା, ସଭ୍ୟ/ସରପଂଚ/ ସମିତି ସଭ୍ୟା, ସଭ୍ୟ ଓ ଅଧିକରୀଙ୍କ ସୂଚନା ନିମିତ୍ତ ପ୍ରେରିତ ହେଲା ।

ଗୋଷ୍ଠୀ ଉନ୍ନୟନ ଅଧିକାରୀ
Block Development Officer
ପଞ୍ଚାୟତ ସମିତି,ଘଟଗାଁ
Ghatgaon

ସ୍ମାରକ ସଂଖ୍ୟା -: ୭୨୬୯(i) ତା-: ୦୧/୦୬/୨୦୨୪

ଏହାର ଏକ କିତା ନକଲ ନିର୍ବାହୀ ଯନ୍ତ୍ରୀ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ,ଆନନ୍ଦପୁର ଏବଂ ସହକାରୀ ନିର୍ବାହୀ ଯନ୍ତ୍ରୀ, ଘଟଗାଁଙ୍କ ଅବଗତି ନିମନ୍ତେ ପ୍ରେରିତ ହେଲା ।

ଗୋଷ୍ଠୀ ଉନ୍ନୟନ ଅଧିକାରୀ
Block Development Officer
ପଞ୍ଚାୟତ ସମିତି,ଘଟଗାଁ
Ghatgaon

ସ୍ମାରକ ସଂଖ୍ୟା -: ୭୨୭୦ ତା -: ୦୧/୦୬/୨୦୨୪

ଏହାର ଏକ କିତା ନକଲ ଜିଲ୍ଲାପାଳ, କେନ୍ଦୁଝର/ମୂଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, କେନ୍ଦୁଝର/ଉପ-ଜିଲ୍ଲାପାଳ, କେନ୍ଦୁଝର ଓ ଜିଲ୍ଲା ପଞ୍ଚାୟତ ଅଧିକାରୀ, କେନ୍ଦୁଝରଂକ ସଦୟ ସୂଚନା ନିମିତ୍ତ ପ୍ରେରିତ ହେଲା ।

ଗୋଷ୍ଠୀ ଉନ୍ନୟନ ଅଧିକାରୀ
Block Development Officer
ପଞ୍ଚାୟତ ସମିତି,ଘଟଗାଁ
Ghatgaon

PDF Scanner ACE Scanner

ANNEXTURE- C

## 15th CFC (UNTIED FUND FOR THE YEAR 2025-26 OF GHATGAON BLOCK

| Sl No | Name of the GP | Village | Name of the Projects | Estimated Cost (In Lakhs) | Type of Fund |
|---|---|---|---|---|---|
| 1 | Badamashinabilla | Sanamashinabila | Cosnt of CC road at Sanamashinabilla village | 340000 | CFC United |
| 2 | Basantapur | Basantapur | Const of CC road at Basantapur Village | 340000 | CFC United |
| 3 | Bholabeda | Ambuapada | Const of CC road at Ambuapada village | 340000 | CFC United |
| 4 | Dhankikote | Dhenkikote | Const CC road from NH to Sishumandir at Dhenkikote Village | 340000 | CFC United |
| 5 | Godadharpur | Arjunbilla | Const of CC road from RD road ato Arjunbilla Naiksahi | 340000 | CFC United |
| 6 | Khantaghar | Khantaghar | Const of CC road from RD road to Pasi sahi , Khantaghar | 340000 | CFC United |
| 7 | Manoharpur | Danguaposi | Const of CC road at Danguaposi village | 340000 | CFC United |
| 8 | Muktapur | Machhabhandar | Cosnt of CC road at village Machhabhandar | 340000 | CFC United |
| 9 | Mukundapurpatna | Banachakulia | Const of CC raod at Banachakulia village | 340000 | CFC United |
| 10 | Pandapada | Pandapada | Const of CC road at village Pandapada | 340000 | CFC United |
| 11 | Patilo | Badajiuli | Const of CC road at village Badajiuli | 340000 | CFC United |
| 12 | Pipilia | Chikinia | Const of CC road at Chikinia village | 340000 | CFC United |
| 13 | Purumunda | Asanbahali | Cosnt of CC road at village Asanabahali | 340000 | CFC United |
| 14 | Santarapur | Santarapur | Const of CC road from BadaKirttan Mandap to Chaturisahi | 340000 | CFC United |
| 15 | Sarasposi | Gobarabeda | Const of CC raod at Gobarbeda Village | 340000 | CFC United |
| 16 | Sunatangiri | Sunatangiri | Beautification of Sunatangiri matha | 340000 | CFC United |
| 17 | Toranipokhari | Dwarikaposi | Const of CC road at Dwarikaposi village | 340000 | CFC United |
| 18 | Ghatgaon | Ghatgaon | Reparing of Networking and installation/ Replace of New cable of all sections at Block office | 104812 | CFC United |
| | | | **Total** | **5544812** | |

**15th CFC (TIED FUND FOR THE YEAR 2025-26 OF GHATGAON BLOCK**

PDF Scanner ACE Scanner

| | | | | | |
|---|---|---|---|---|---|
| 1 | Ghatgaon | Ghatgaon | 75% Fund to Deposited to DWSM account of District- 15th cfc Tied DW | 4413609 | 15th CFC Tied |
| 2 | Ghatgaon | Ghatgaon | 75% Fund to Deposited to DWSM account of District- 15th cfc Tied Sanitation | 2206805 | 15th CFC Tied |
| 3 | Ghatgaon | Ghatgaon | Purchase of Tubewell Spare Parts under RWSS-15th CFCTied Sanitation | 1946804 | 15th CFC Tied |
| 4 | Ghatgaon | Ghatgaon | Payment of Hire Mobile Vehicle under RWSS-15th CFC Tied Sanitation | 150000 | 15th CFC Tied |
| 5 | Ghatgaon | Ghatgaon | Remuneration of labour under RWSS-15th CFC Tied Sabitation | 110000 | 15th CFC Tied |
| | | | **Total** | **8827218** | |

**Asst. Executive Officer, Ghatgaon** **Block Development officer, Ghatgaon** **Chairperson, Ghatgaon**

**5th SFC (UNTIED FUND FOR THE YEAR 2025-26 OF GHATGAON BLOCK**

| **Sl No** | **Name of the GP** | **Village** | **Name of the Projects** | **Estimated Cost (In Lakhs)** | **Type of Fund** |
|---|---|---|---|---|---|
| 1 | Badajamposi | Badajamposi | Const of CC road from Badajamuposi High School Boundrywall to Sambhu Barik house | 340000 | SFC Untied |
| 2 | Badapichhula | Jharabeda | Const of CC road at Jharabeda village | 340000 | SFC Untied |
| 3 | Uperdiha | Uperdiha | Const of Boundrywall at Palabani Sahi primary school | 340000 | SFC Untied |
| 4 | Barhatipura | Barahtipura | Const of CC road at Barhatipura village | 340000 | SFC Untied |
| 5 | Balabhdarapur | Balabhadrapur | Cosnt of CC road at Balabhadrapur village | 340000 | SFC Untied |
| 6 | Tara | Nakajhari | Const of CC road from Nakajhari Krushna Ch Barik house to Badatangar | 340000 | SFC Untied |
| 7 | Balipokhari | Gopinathpur | Const of Boundrywall at Gopinathpur Pry School | 340000 | SFC Untied |
| 8 | Rutisila | Rutisila | Const of CC road at Rutisila Village | 340000 | SFC Untied |
| 9 | Binida | Binida | Const of CC road from Chandaneswar temple to Bana Committee house at Chandagiri sahi, Binida | 340000 | SFC Untied |
| 10 | Paidapatna | Khutapada | Const of CC road at Khuntapada Village | 340000 | SFC Untied |
| 11 | Ghatgaon | Ghatgaon | Const of staircase at Two no Staff quarter | 400000 | SFC Untied |
| 12 | Ghatgaon | Ghatgaon | Const of additional room and staircase at BDO quarter | 600000 | SFC Untied |

PDF Scanner ACE Scanner

| | | | | | |
|---|---|---|---|---|---|
| 13 | Ghatgaon | Ghatgaon | Const of RWSS Godown at Block office | 270000 | SFC Untied |
| 14 | Ghatgaon | Ghatgaon | Purcashing of Electronics items and Beautification of Ghatgaon Block Office | 485826 | SFC Untied |
| 15 | Ghatgaon | Ghatgaon | Purchasing of Office furniture at Ghatgaon Block Office | 250000 | SFC Untied |
| | Ghatgaon | Ghatgaon | Reparing of Networking and installation/ Replace of New cable of all sections at Block office | 46000 | |
| | | | **Total** | **5451826** | |

5th SFC (TIED FUND FOR THE YEAR 2025-26 OF GHATGAON BLOCK

| | | | | | |
|---|---|---|---|---|---|
| 1 | Ghatgaon | Ghatgaon | Purchase of Tubewell Spare Parts under RWSS-5th SFC Tied Sanitation | 827957 | 5th SFC Tied |
| 2 | Ghatgaon | Ghatgaon | Payment of Hire Mobile Vehicle under RWSS-5th SFC Tied Sanitation | 400000 | 5th SFC Tied |
| 3 | Ghatgaon | Ghatgaon | Remuneration of labour under RWSS-5th SFC Tied Sanitation | 135000 | 5th SFC Tied |
| 4 | Ghatgaon | Ghatgaon | 75% Fund to Deposited to DWSM account of District- 5th SFC Tied DW | 4088869 | 5th SFC Tied |
| | | | **Total** | **5451826** | |

| | | |
|---|---|---|
| **Asst. Executive Officer,**<br>**Ghatgaon** | **Block Development officer,**<br>**Ghatgaon** | **Chairperson,**<br>**Ghatgaon** |

PDF Scanner ACE Scanner